୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.173 Bhubaneswar Wednesday August 14 2024 | ୨୬ତମ ବର୍ଷ ସଂଖ୍ୟା–୧୭୩ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ମାଟି ତଳୁ ମିଳିଲା ୩୮ ଲକ୍ଷ ଟଙ୍କା; କିଏ ପୋତିଥିଲା ?

ଭୁବନେଶ୍ୱର,୧୩।୮(ପି.ଏନ): ମାଟି ତଳେ ପୋତା ଯାଇଥିଲା ୩୮ ଲକ୍ଷ ଟଙ୍କା। ଗାତ ଖୋଳି ସେହି ଟଙ୍କାକୁ ଜବତ କରିଛି ସିଆର୍‌ପିଏଫ୍ ଯବାନ ଓ ଛତିଶଗଡ ପୁଲିସ୍। ଏଥିସହ ବିପୁଳ ପରିମାଣରେ ମାରଣାସ୍ତ୍ର ଜବତ କରାଯାଇଛି। ନକ୍ସଲମାନେ ସେହି ଟଙ୍କା ଓ ମାରଣାସ୍ତ୍ର ପୋତି ରଖିଥିବା ଜଣାପଡିଛି।ଛତିଶଗଡର ଗୋବରା ଓ ପେଣ୍ଡ୍ରା ଜଙ୍ଗଲରେ ନକ୍ସଲଙ୍କ ଗତିବିଧି ଥିଲା। ଏ ସମ୍ପର୍କରେ ଜାଣିପାରି ସିଆର୍‌ପିଏଫ୍ ଯବାନ ଓ ଛତିଶଗଡ ପୁଲିସ୍ ମିଳିତ ଭାବେ ସର୍ଚ୍ଚ ଅପରେସନ୍ କରିଥିଲେ। ସେହି ସମୟରେ ମେଟାଲ୍ ଡିଟେକ୍ଟରରେ ସିଗ୍‌ନାଲ୍ ଦେଖାଇଥିଲା। ତା'ପରେ ସେଠାରେ ଆରମ୍ଭ ହୋଇଥିଲା ଖୋଳା ଖୋଳି। ପ୍ରାୟ ୧୦



ଫୁଟ୍ ଗାତ ଖୋଳିବା ପରେ ମିଳିଥିଲା ପ୍ରାୟ ୩୮ ଲକ୍ଷ ଟଙ୍କା ଓ ମାରଣାସ୍ତ୍ର। ଟଙ୍କା ଓ ମାରଣାସ୍ତ୍ର ଗୁଡିକୁ ଜରିରେ ଗୋଡାଯାଇ ପୋତା ଯାଇଥିଲା। ନଷ୍ଟ ନହେବା ପାଇଁ ନକ୍ସଲମାନେ ଜରି ଗୋଡାଇ ପୋତିଥିଲେ।

## ଏସ୍‌ସିବିରେ ରୋଗୀଙ୍କୁ ଦୁଷ୍କର୍ମ ! ବନ୍ଧା ହେଲେ ଡାକ୍ତର

ଭୁବନେଶ୍ୱର,୧୩।(ପି.ଏନ):କଟକ ଏସ୍‌ସିବିକୁ ବିଶ୍ୱ ସ୍ତରୀୟ ମେଡିକାଲ୍ କରିବା ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ହେଲେ ସେହି ମେଡିକାଲ୍ ଉପରେ ଲାଗିଛି କଳଙ୍କର ଛିଟା। ମେଡିକାଲ୍‌କୁ ଚିକିତ୍ସା ହେବାକୁ ଆସିଥିବା ୨ ଜଣ ମହିଳା ରୋଗୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ କମିଶନରେଟ୍ ପୁଲିସ୍ ଅଭିଯୁକ୍ତ ଡାକ୍ତର ଠାକୁର ଦିଲବାଗ ସିଂଙ୍କୁ ଗିରଫ କରିଛି।ଗତ ଶୁକ୍ରବାର ୨ ରୋଗୀ(ମହିଳା) ଏସ୍‌ସିବିର ହୃଦୟ ରୋଗ ବିଭାଗକୁ ଆସିଥିଲେ। ବିଶେଷଜ୍ଞ ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଇକୋ



କରିବା ପାଇଁ ସମ୍ପୃକ୍ତ ଡାକ୍ତର ପରାମର୍ଶ ଦେଇଥିଲେ। ସେହିଦିନ ଇକୋ ହୋଇନପାରିବାରୁ ୨ ମହିଳା ଫେରି ଯାଇଥିଲେ। ଡାକ୍ତରଙ୍କ ପରାମର୍ଶରେ ଦୁଇ ମହିଳା ରବିବାର ମେଡିକାଲ୍ ଆସିଥିଲେ। ସେଦିନ ମେଡିକାଲ୍ ଛୁଟିଥିବା ସତ୍ତ୍ୱେ ଡାକ୍ତର ଦୁଇ ମହିଳା ରୋଗୀଙ୍କୁ ଇକୋ କରିବା ବାହାନାରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା।

## ୨୦୩୬ ସୁଦ୍ଧା ଭାରତର ଜନସଂଖ୍ୟା ୧୫୨ କୋଟି ଡେଇଁବ

ଭୁବନେଶ୍ୱର,୧୩।୮(ପି.ଏନ): ଭାରତର ଜନସଂଖ୍ୟା ୨୦୩୬ ସୁଦ୍ଧା ୧୫୨.୨ କୋଟି ଛୁଇଁବ। ସେହିପରି ମହିଳାଙ୍କ ସଂଖ୍ୟା ୨୦୧୧ରେ ୪୮.୫% ଥିବା ବେଳେ ୨୦୩୬ ବେଳକୁ ଏହା ସାମାନ୍ୟ ବୃଦ୍ଧି ପାଇ ୪୮.୮%ରେ ପହଞ୍ଚିବ। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟରେ ଏପରି ସୂଚନା ଦିଆଯାଇଛି।'Women and Men in India ୨୦୨୩' ଶୀର୍ଷକ ରିପୋର୍ଟରେ ଆକଳନ କରାଯାଇଛି ଯେ ୨୦୧୧ ତୁଳନାରେ ୨୦୩୬ ସୁଦ୍ଧା ୧୫ ବର୍ଷରୁ କମ ବୟସ୍କଙ୍କ ସଂଖ୍ୟା ଅହେତୁକ ହ୍ରାସ ପାଇବ। ଜନ୍ମହାର ହ୍ରାସ ପାଉଥିବାରୁ ଏପରି ଘଟିବ।ଏହି ସମୟସୀମା ମଧ୍ୟରେ ୬୦ ବର୍ଷ ଓ ତା'ଠାରୁ ଅଧିକ ବୟସ୍କଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବ। ୨୦୩୬ ସୁଦ୍ଧ ଭାରତର ଜନସଂଖ୍ୟା ୨୦୧୧ ତୁଳନାରେ ଅଧିକ ମହିଳା କେନ୍ଦ୍ରିକ ରହିବ। ୨୦୩୬ ସୁଦ୍ଧା ଲିଙ୍ଗ ଅନୁପାତରେ ସୁଧାର ଆସିବ। ୨୦୧୧ରେ ୧ହଜାର ପୁରୁଷଙ୍କ ତୁଳନାରେ ୯୪୩ ଜଣ ମହିଳା ରହିଥିଲେ। କିନ୍ତୁ ୨୦୩୬ ବେଳକୁ ଏହି ସଂଖ୍ୟା ୯୫୨କୁ ବୃଦ୍ଧି ପାଇବ। ଲିଙ୍ଗଗତ ସମାନତା ପାଇଁ ଏହା ସକାରାତ୍ମକ ଘଟଣା ବୋଲି ରିପୋର୍ଟରେ କୁହାଯାଇଛି।

## ଅଗଷ୍ଟ ୨୨ରେ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଲା କଂଗ୍ରେସ

ଭୁବନେଶ୍ୱର,୧୩।୮(ପି.ଏନ): ଆସନ୍ତା ଅଗଷ୍ଟ ୨୨ରେ ସମଗ୍ର ଦେଶରେ ଆନ୍ଦୋଳନ କରିବ କଂଗ୍ରେସ। ହିଣ୍ଡେନବର୍ଗ ରିପୋର୍ଟରେ ସେବି ମୁଖ୍ୟ ଓ ଆଦିନୀ ଗ୍ରୁପ ମଧ୍ୟରେ ମଧୁଚନ୍ଦ୍ରିକା ଥିବା କଥା ଦାବି କରାଯିବା ପରେ କଂଗ୍ରେସ ଏପରି ବିଶାଳ ଆନ୍ଦୋଳନର ଡାକରା ଦେଇଛି। ହିଣ୍ଡେନବର୍ଗ ପକ୍ଷରୁ ସେବି ମୁଖ୍ୟ ମାଧବୀ ବୁଚ୍‌ଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଅଣାଯାଇଛି। ତେଣୁ ତାଙ୍କୁ ସରକାର ସେବି ମୁଖ୍ୟ ପଦରୁ ହଟାନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପୂର୍ବରୁ କଂଗ୍ରେସ ସେବି ମୁଖ୍ୟ ଓ ଆଦାନି ଗ୍ରୁପ ମଧ୍ୟରେ ଥିବା ସମ୍ପର୍କରେ ଜେପିସି ତଦନ୍ତ ପାଇଁ ଦଳ ଦାବି କରିଥିଲା।ଆଜି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଦଳର



ସମସ୍ତ ସାଧାରଣ ସମ୍ପାଦକ, ଇନଚାର୍ଜ ଓ ରାଜ୍ୟ ମୁଖ୍ୟମାନେ ଯୋଗ ଦେଇଥିଲେ। ଏହି ବୈଠକରେ କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ କଂଗ୍ରେସ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି।ସେ କହିଛନ୍ତି, "ବର୍ତ୍ତମାନ ଦେଶରେ ଘଟିଥିବା ସବୁଠାରୁ ବଡ ଦୁର୍ନୀତି ସମ୍ପର୍କରେ ଆମେ ଆଲୋଚନା କରିଥିଲୁ। ହିଣ୍ଡେନବର୍ଗ ସବୁ କିଛି ଖୁଲାସା କରିଛି। ଏହି ଦୁର୍ନୀତି ସେବି ଓ ଆଦାନି ସହ ଜଡିତ। ଆଦାନି ଓ ସେବି ବିରୋଧରେ ଆସିଥିବା ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି ବା ଜେପିସି ତଦନ୍ତ ଦାବିରେ ଦଳର ନେତୃତ୍ୱବୃନ୍ଦ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଛନ୍ତି। ସର୍ବସମ୍ମତିକ୍ରମେ ଏପରି ନିଷ୍ପତ୍ତି ନିଆଯାଇଛି।

## ଜେଲରୁ ବାହାରିବ ଆଶାରାମ ବାପୁ, ମିଳିଲା ପାରୋଲ

ଭୁବନେଶ୍ୱର,୧୩।୮(ପି.ଏନ): ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଜା କାଟୁଥିବା ଆତ୍ମଘୋଷିତ ବାବା ଆଶାରାମ ବାପୁଙ୍କୁ ମିଳିଛି ବଡ ଆଶ୍ୱସ୍ତି। ସେ ଏବେ ଜେଲରୁ ମୁକୁଳିବ। ତାକୁ ରାଜସ୍ଥାନ ହାଇକୋର୍ଟ ଚିକିତ୍ସା ନିମନ୍ତେ ୭ ଦିନର ପାରୋଲ ଦେଇଛନ୍ତି। ୮୫ ବର୍ଷୀୟ ଆଶାରାମ ଏବେ ପୁଲିସ୍‌ର କଡା ସୁରକ୍ଷାବଳୟ ମଧ୍ୟରେ ନିଜର ଚିକିତ୍ସା ପାଇଁ ମହାରାଷ୍ଟ୍ର ଯିବ।ପୂର୍ବରୁ ରାଜସ୍ଥାନ ହାଇକୋର୍ଟ ଆଶାରାମ ବାପୁ ୨ଥର ପାରୋଲ ପାଇଁ କରିଥିବା ଆବେଦନକୁ ଖାରଜ କରିଥିଲେ। ସେ ପାରୋଲରେ



ଗଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବା କୋର୍ଟ କହିଥିଲେ। ହେଲେ ଏଥର ଚିକିତ୍ସା ପାଇଁ ତାକୁ ୭ ଦିନର ପାରୋଲ ମିଳିଛି।

KALINGA INSTITUTE OF INDUSTRIAL TECHNOLOGY

Deemed to be University (Declared U/S 3 of UGC Act, 1956), Bhubaneswar, Odisha, India



KIIT Believes in Reality and Quality

SLOW AND STEADY WINS THE RACE

RANK OVER THE YEARS

KIIT has steadily improved its position in the NIRF Universities Rankings conducted annually by the Ministry of Education, Govt. of India.

Rank 24 2020 → Rank 21 2021 → Rank 20 2022 → Rank 16 2023 → Rank 15 2024

KIIT Jumps to 15th

nirf

Position in Universities Rankings 2024

Young University Rankings 2024
World Rank: 168 India Rank: 10

Impact Rankings 2024
SDG#10-Reduced Inequalities
World Rank: 6 India Rank: 1

This is a significant achievement, especially considering that KIIT, as an institute, is only 27 years old and 20 years as a university. What makes this even more remarkable is that Medical and Law Schools of KIIT, which were established in 2007, have been ranked 25th and 11th, respectively.

• KIIT is only 27 years old as an institute (1997 – 2024) and 20 years old as a university.

• KIIT does not have any institute/university in the name of "Kalinga" anywhere else in the country and globe.

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୈସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଜ୍ଞାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜାନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ରାଜ୍ୟସଭା ଲଡୁ : କାହା ମୁଣ୍ଡରେ ସୁନା କଳସ ?

ସାଧାରଣରେ ଓ ଗଣମାଧ୍ୟମରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦେଶଦ୍ରୋହ ମାମଲାକୁ ନେଇ ସମଗ୍ର ଭାରତବର୍ଷରେ ପ୍ରଚାର, ଜୁଆର ଉଠିଥିବାବେଳେ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନକୁ ନେଇ ମଧ୍ୟ ଗଣମାଧ୍ୟମ, ସାଧାରଣରେ ଓ ବିଜେଡ଼ି ଭିତରେ ଏକ ପ୍ରକାର ଚର୍ଚ୍ଚାର ଜୁଆର ଜୋରଦାର ଉଠିଲାଣି। ବିଜେଡ଼ିର ତିନୋଟି ସିଟ ଖାଲି ପଡୁଥିବା ବେଳେ ଏ ତିନୋଟି ବିଜେଡ଼ିର ବିଧାନ ସଭା ସଂଖ୍ୟାଗରିଷ୍ଠତାକୁ ଦେଖିଲେ ବାଜି ମାରିବା ସୁନିଶ୍ଚିତ। ତେବେ ଚର୍ଚ୍ଚା ଏହା ବି ଉଠୁଛି ଗତ ଥର ପରି ବିଜେପି ଗୋଟିଏ ସିଟ ହାତେଇବ ନାହିଁ ତ? ସୂଚନାଥାଉ କି ଜୁନ ୧୦ରେ ଦେଶରେ ୧୫ଟି ରାଜ୍ୟର ୫୭ଟି ରାଜ୍ୟସଭା ଆସନ ପାଇଁ ଭୋଟ ହେବ। ସେଥିଭିତରୁ ଓଡ଼ିଶାର ତିନୋଟି ସିଟ ରହିଛି। ଜୁଲାଇ ୧ରେ ଓଡ଼ିଶାର ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓଙ୍କ ଦାୟିତ୍ୱ ସରୁଛି। ବିଜେଡ଼ି ତାର ପ୍ରଥମ ପସନ୍ଦ ଭୋଟରେ ତିନିଜଣଙ୍କୁ ରାଜ୍ୟସଭାକୁ ପଠାଇବ। ବିରୋଧୀ ଦଳ ଯଦି ତାଙ୍କର ପ୍ରାର୍ଥୀ ନ ଦିଅନ୍ତି ତେବେ ଜୁନ ୧୦ରେ ନିର୍ବାଚନ ଲୋଡ଼ା ପଡ଼ିବ ନାହିଁ। ତେବେ ବିଜେଡ଼ି ସୁପ୍ରିମୋ କାହା ମୁଣ୍ଡରେ ସୁନା କଳସ ଢ଼ାଳିବେ ଏହାକୁ ନେଇ ରାଜନୀତି, ଗଣମାଧ୍ୟମରେ ଗୁଡ଼ି ଅନେକ ଉଡୁଛି। କୁହାଯାଉଛି ବିଜେଡ଼ିର ପାଖାପାଖି ୩୦ଜଣ ଏହି ରାଜ୍ୟସଭା ମୁହାଁ ପାଇଁ ଚାତକ ପରି ବସିଛନ୍ତି। ତିନୋଟି ରାଜ୍ୟସଭା ସିଟ ପାଇଁ ଚର୍ଚ୍ଚା ଭିତରେ ଅନେକ ତ ରହିଛନ୍ତି। ୨୦୧୯ରୁ ସୁପ୍ରିମୋ ନବୀନ ବାବୁ ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ରାଜ୍ୟସଭା ପଠାଇବା ପାଇଁ କଥା ଦେଇଛନ୍ତି। ସେହିପରି କଂଗ୍ରେସରୁ ଡିଆଁ ମାରିଥିବା ଯୁବନେତା ପ୍ରଦୀପ ମାଝୀ, ଭୁବନେଶ୍ୱର ସିଟରୁ ହାରିଥିବା ଅରୂପ ପଟ୍ଟନାୟକ, ନଳୀନିକାନ୍ତ ପ୍ରଧାନ, ଗଣମାଧ୍ୟମ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ, ପୂର୍ବତନ ବାଚସ୍ପତି ଶରତ କରଙ୍କ ପୁଅ ଶୋଭନ କର ଏବଂ ସେହିପରି ଅଣରାଜନୈତିକ ପୃଷ୍ଠଭୂମିରୁ ଗାନ୍ଧିବାଦୀ ନେତ୍ରୀ ତଥା ନବକୃଷ୍ଣ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଅନନ୍ତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ ଅସିତ ତ୍ରିପାଠୀଙ୍କ ନାମ ଚର୍ଚ୍ଚାରେ ଉଠୁଛି।

ରାଜ୍ୟସଭାର ଉପରୋକ୍ତ ତିନିଜଣଙ୍କ କାର୍ଯ୍ୟକାଳ ସରିବା ପରେ କଟର ମେୟର ଭାବେ ଜିତିଥିବା ସୁବାଷ ସିଂହ ମଧ୍ୟ ଇସ୍ତଫା ଦେଇଥିବାରୁ ତାଙ୍କ ପଦବୀଟି ଖାଲି ପଡ଼ିଛି କିନ୍ତୁ ନିର୍ବାଚନ କମିଶନ ତାରିଖ ଘୋଷଣା କରିନାହାଁନ୍ତି। ରାଜ୍ୟସଭାରେ ବିଜେଡ଼ିର ରାଷ୍ଟ୍ରୀୟ ମୁଖପାତ୍ର ଭାବେ ସସ୍ମିତ ପାତ୍ର ପ୍ରଭାବୀ ଢ଼ଙ୍ଗରେ ଦଳର ଆଭିମୁଖ୍ୟକୁ ଜାତୀୟ ସ୍ତରରେ ସଠିକ ଭାବେ ଉପସ୍ଥାପନ କରି ନିଜ ଦକ୍ଷତା ଦେଖାଇଛନ୍ତି। ସେହିପରି ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଏବଂ ପଶ୍ଚିମ ଓଡ଼ିଶାରେ ବିଜେପିର ବିଶେଷ ଦବଦବା ରହିଛି। ତେବେ ପ୍ରସନ୍ନଙ୍କୁ ଏହି ଜାଗାରୁ ହଟାଇଲେ ତାଲିକା ଭିତରେ ଇଂ. ନଳୀନିକାନ୍ତ ପ୍ରଧାନ ଓ ଅସୀତ ତ୍ରିପାଠୀଙ୍କ ନାମ ଉଠୁଛି। ଦକ୍ଷିଣ ଓଡ଼ିଶାର ଭେଟେରାନ ନେତା ଭାସ୍କର ରାଓଙ୍କ ସ୍ଥାନରେ କଂଗ୍ରେସର ଡିଆଁ ନେତା ପ୍ରଦୀପ ମାଝୀଙ୍କ ନାମ ଚର୍ଚ୍ଚାରେ ରହୁଛି। ତେବେ ଦକ୍ଷିଣ କ୍ଷେତ୍ରରୁ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟଙ୍କ ସହ ଜୟପୁରର ପ୍ରାକ୍ତନ ବିଧାୟକ ରବିନାରାୟଣ ନନ୍ଦ ବି ଆଶାୟୀ। ଯୁବ ଚେହେରା ଭାବେ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବେ ମାନସ ମଙ୍ଗରାଜଙ୍କ ନାମ ବିଶେଷ ଚର୍ଚ୍ଚାରେ ରହିଛି। ସରକାରଙ୍କ ଗଣମାଧ୍ୟମ ବ୍ୟାପାରକୁ ବେଶ ସଠିକ ଭାବେ ଓ ସଠିକ କ୍ଷେତ୍ର ଓ ଢ଼ଙ୍ଗରେ ସେ ନିର୍ବାହ କରୁଛନ୍ତି। ସବୁବେଳେ ଚମକାଇ ଦେଇ ରାଜନୀତିର ମୋଡ଼ ବଦଳାଇ ଦେଉଥିବା କ୍ଷେତ୍ରରେ ବିଜେଡ଼ି ସୁପ୍ରିମୋ ନବୀନବାବୁ ବେଶ ମାହିର। ତେବେ ନବୀନବାବୁ ମହିଳା କାର୍ଡ଼ ଯଦି ଖେଳନ୍ତି ତେବେ ସେ ଆଗରେ ମୋ ସ୍କୁଲର ଅଧ୍ୟକ୍ଷା ସୁଷ୍ମିତା ବାଗ୍‌ଚୀଙ୍କ ନାଁ ଉଠୁଛି। କେନ୍ଦ୍ରୀୟ ବିଜେପିର ବର୍ତ୍ତମାନ ଓଡ଼ିଶା ପ୍ରତି ନରମ ଆଭିମୁଖ୍ୟ ରହିଛି କିନ୍ତୁ ରାଷ୍ଟ୍ରପତି ନିର୍ବାଚନ ପରେ ବିଜେପି ଓଡ଼ିଶା ଉପରେ ଫୋକସ କରିବାର ବଡ଼ ସମ୍ଭାବନା ରହିଛି। କୁହାଯାଉଛି ବିଜେପି ବିଜେଡ଼ି ବିରୁଦ୍ଧରେ ତାର ମୋର୍ଚ୍ଚା ଖୋଲି କଡ଼ା ଆଭିମୁଖ୍ୟ ଦେଖାଇପାରେ। କାରଣ କେନ୍ଦ୍ରର ନରେନ୍ଦ୍ର ମୋଦି ମଧ୍ୟ ରାଜନୀତି କ୍ଷେତ୍ରରେ ଚମକାଇ ଦେଉଥିବା ପରି ରାଜନୀତିର କାର୍ଡ଼ ଖେଳିଥାନ୍ତି। ଏହାଭିତରେ ସୁବାଷ ସିଂହ କଟକ ମେୟର ଭାବେ ଜିତିବା ପରେ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨ ଅପ୍ରେଲ ୨୦୨୬ ପର୍ଯ୍ୟନ୍ତ ରହିଛି। ସୁବାଷଙ୍କ ସ୍ଥାନରେ ନିର୍ବାଚନ କମିଶନ ଘୋଷଣା କରିବା ପରେ ଯିଏ ଯିବେ ସେ ଚାରିବର୍ଷ ପାଇଁ ରାଜ୍ୟସଭା ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ। ତେବେ ଗୋପରେ ବଢୁଛି କଳା କହ୍ନେଇ ପରି ରାଜ୍ୟସଭାକୁ କିଏ ଯିବେ ତାହା ଦଳର ସୁପ୍ରିମୋ ନବୀନବାବୁଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଏହା ମଧ୍ୟ ପ୍ରଶ୍ନ ଉଠୁଛି ଓ ରାଜନୀତିର ଗୁଡ଼ି ଉଡୁଛି ମଧ୍ୟ ଗତଥର ପରି ଅଶ୍ୱିନୀ ବୈଷ୍ଣବଙ୍କ ପରି ବିଜେପି ମାଙ୍କଡ ଠାରୁ ମୁଆଁ ଛଡ଼ାଇବା ପରି ଗୋଟିଏ ସିଟ ମାଗିନେଇ ଯିବନି ତ!! କାରଣ କେନ୍ଦ୍ରର ରାଜନୀତି କ୍ଷେତ୍ରରେ ଅତ୍ୟନ୍ତ ପାରଙ୍ଗମ ଓ ଶକ୍ତିଶାଳୀ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହା ନବୀନବାବୁଙ୍କୁ ପ୍ରଭାବିତ କରି ଗୋଟିଏ ସିଟ ନେଇଯିବା କିଛି ବିରାଟ ବଡ଼ ଖବର ହେବନାହିଁ। ତେବେ ମୁଆଁ କାହାଙ୍କ ଭାଗ୍ୟରେ ଅଛି କୋଟି କୋଟି ଓଡ଼ିଆଙ୍କ ପରି ଏହି ଲେଖକ ମଧ୍ୟ ସେହି ସମୟକୁ ଅପେକ୍ଷା କରିଛି? ମୁଆଁ ବିଜୟୀ ଯିଏ ବି ହୁଅନ୍ତୁ ତାଙ୍କୁ ଆମେ ଯଥେଷ୍ଟ ପୂର୍ବରୁ ଅଭିନନ୍ଦନ ଜଣାଉଛୁ।



# 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ...'



ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'। ଅଧର୍ମର ବିନାଶ ପାଇଁ ଅନେକ ସମୟରେ ସମ୍ପୂର୍ଣ୍ଣ ପରୋପକାର ତଥା ଜଗତକଲ୍ୟାଣର ଭାବନା ନେଇ ଅବିରତ ପ୍ରୟାସ କରିବାକୁ ପଡ଼ିଥାଏ । ଫଳରେ ଜଗତରେ ଧର୍ମ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଭଗବାନ ବିଷ୍ଣୁଙ୍କ ପ୍ରତ୍ୟେକ ଅବତାର ସଂସାରର ଏହି ସୂତ୍ରକୁ ପ୍ରତିପାଦିତ କରିଥାଏ । ଏ ସଂସାରରୁ ଦୁଷ୍ଟଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ଧରାବତରଣ କରିଥିଲେ । ସେହି ଶୁଭ ବେଳ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ । ଅର୍ଥାତ୍ ନୃସିଂହ ସ୍ୱରୂପ ନେଇ ଅଧା ନର ଅଧା ସିଂହ ସ୍ୱରୂପ ନେଇ ଜନ୍ମ ନେଇଥବା ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ଥିଲା ଅତ୍ୟନ୍ତ ଉଗ୍ର । ହେଲେ ଏହି ଉଗ୍ରତା ମଧ୍ୟରେ ଲୁଚି ରହିଥିଲା ଅଧର୍ମୀର ବିନାଶ କରିବାର ସୂତ୍ର। ଏହି ରୂପରେ ସେ ରାକ୍ଷସରାଜ ହିରଣ୍ୟକଶପର ସଂହାର କରିଥିଲେ । ହିରଣ୍ୟକଶ୍ୟପ ବ୍ରହ୍ମଦେବଙ୍କ ଠାରୁ ବରଦାନ ପ୍ରାପ୍ତ କରିବା ପରେ ତ୍ରୀଭୂବନରେ ଉତ୍ପାତ ଖେଳାଇ ଦେଇଥିଲା । ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ହିରଣ୍ୟକଶ୍ୟପର ବଧ କରିଥିଲେ । ହିରଣ୍ୟକଶ୍ୟପର ଅନ୍ତ କରିବା ସମୟରେ ନା ସେ ଘରେ ଥିଲେ, ନା ଘର ବାହାରେ, ନା ଭୂମିରେ ଥିଲା, ନା ଆକାଶରେ, ନା ସେ ଅସ୍ତ୍ର ଦ୍ୱାରା ମରିଥିଲା ନା ଶସ୍ତ୍ର ଦ୍ୱାରା, ନା ଦିନରେ ମରିଥିଲା ନା ରାତିରେ । ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପର ବଧ କରିବା ଲାଗି ଏକ ବିଶେଷ ସମୟ ବାଛିଥିଲେ। ଏହି ମୁହୂର୍ତ୍ତ ବାର ମାସ ଠାରୁ ଅଲଗା ଥିଲା । ସେହି ମାସ ଥିଲା ଭଗବାନଙ୍କ ପ୍ରିୟ ପୁରୁଷୋତ୍ତମ ମାସ (ଅଧିବର୍ଷରେ ପଡୁଥିବା ମାସ) । ଭଗବାନ ବିଷ୍ଣୁ ନିଜ ନଖରେ ଫାଡ଼ି ଦେଇଥିଲେ ହିରଣ୍ୟକଶ୍ୟପର ଛାତିକୁ । ଅନ୍ୟପକ୍ଷରେ ଭଗବାନଙ୍କ ବିଷ୍ଣୁଙ୍କ ନୃସିଂହ ଅବତାର ନେବା ପଛରେ ହିରଣ୍ୟକଶ୍ୟପର ପୁତ୍ର ପ୍ରହ୍ଲାଦର ପ୍ରମୁଖ ଭୂମିକା ରହିଥିଲା । ପ୍ରହ୍ଲାଦର ବିଷ୍ଣୁ ଭକ୍ତି ଦେଖି ହିରଣ୍ୟକଶ୍ୟପ ତାକୁ ହତ୍ୟା କରିବାକୁ ଶତ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା । ନୃସିଂହ ଅବତାର ସାରା ଜଗତକୁ ଏକ ବିଶେଷ ସନ୍ଦେଶ ଦେଇଥାଏ । ଅଧର୍ମର ବିନାଶ ପାଇଁ ଅବିରତ ଚେଷ୍ଟା କରିବା ଆବଶ୍ୟକ । ବିଫଳତା ମିଳିଲେ ମଧ୍ୟ ଧର୍ମର ପ୍ରତିଷ୍ଠା ଦିଗରେ ସର୍ବଦା ଚେଷ୍ଟା କରିବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ହେବା ଉଚିତ । ଧର୍ମ ଏବଂ ସଦାଚାରର ପ୍ରତୀକ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତିରେ ସାରା ସଂସାର ପ୍ରତି ଏକ ବାର୍ତ୍ତା ରହିଥିଲା । ତାହା ଥିଲା, ଭକ୍ତିକୁ କର୍ମ ଭଳି ନୁହେଁ ବରଂ କର୍ମକୁ ଭକ୍ତି ରୂପରେ ଗ୍ରହଣ କରି ସେଥିରେ ଲୀନ ହେଲେ ଦେବୀ ରୂପୀ ସଫଳତା ମିଳିବା ଜରୁରୀ ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡୁପୁତ୍ର ଅର୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି।

# ଶାନ୍ତି, ସହିଷ୍ଣୁତା ଏବଂ ସମନ୍ୱୟତାର ବାର୍ତ୍ତାବହ !

୨୩ ମାର୍ଚ୍ଚ ହେଉଛି ଇସଲାମ ଇତିହାସରେ ଏକ ମହାନ ଦିବସ। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଦାସାନୁଦାସ ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ତାରିଖରେ ଭାରତ ବର୍ଷର ପଞ୍ଜାବ ପ୍ରଦେଶର ଲୁଧିଆନାଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ନାମକ ଏକ ଆଧ୍ୟାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ୍ୟ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା। ସେହିପରି ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ବିନା ଭେଦଭାବରେ ସମଗ୍ର ମାନବ ଜାତି ପାଇଁ କରୁଣାର ସାଗର ହୋଇ ଆସିଥିଲେ। ଅଜଣା ବସ୍ତି କାଦିଆନ (ପଞ୍ଜାବ)ରୁ ଉଠିଥିବା ଏହି ଆଧ୍ୟାତ୍ମିକ ଗୁଞ୍ଜନ ଆଜି ବିଶ୍ୱର ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇଚାଲିଛି। ''ଏବେ ବି ଏହି ପୁଷ୍ପବାଟିକାରେ ଆରାମ ଓ ଶାନ୍ତି ପ୍ରାପ୍ତ ହେଉଛି''ର ଘୋଷଣା କରିବା ସହ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ଅଲ୍ଲାଃ ପରମବ୍ରହ୍ମ ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୋତେ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତି ପରେ ଉନ୍ନତି ଦେଇଚାଲିବି ଏପରି କି ରାଜା ମହାରାଜାମାନେ ମଧ୍ୟ ତୋ ଠାରୁ ଉନ୍ନତିର ଆଶାଇ ହେବେ। ମନେରଖ ଏହା ହେଉଛି ପରମେଶ୍ୱରଙ୍କ ବାଣୀ ଯାହାକି ନିଶ୍ଚିତ ଭାବରେ ଦିନେ ପୂରଣ ହେବ। ସୁତରାଂ ହଜରତ ଅହମଦ ସେହି ପ୍ରତିଶ୍ରୁତ ମସିହ ହେବାର ଘୋଷଣା କରିବା ସମୟରେ ସେ ମାତ୍ର ଜଣେ ବ୍ୟକ୍ତି ଥିଲେ। ଆଜି ବିଶ୍ୱର ୨୧୫ଗୋଟି ରାଷ୍ଟ୍ରରେ ତାଙ୍କର କୋଟି କୋଟି ଅନୁଗାମୀ ଅହମଦିମାନେ ବସବାସ କରୁଛନ୍ତି। ଅହମଦୀୟା ସମ୍ପ୍ରଦାୟ ଏକ ପକ୍ଷରେ ମନୁଷ୍ୟକୁ ନିଜ ପାଳନକର୍ତାଙ୍କ ସହିତ ସଂପର୍କ ଯୋଡ଼ିବାରେ ଯତ୍ପରୋନାସ୍ତି ପ୍ରୟାସ କରୁଛି ତ ଅନ୍ୟ ପକ୍ଷରେ ଜଣେ ମନୁଷ୍ୟକୁ ପ୍ରେମ କରିବା ପାଇଁ ତାଗିଦ କରୁଛି। ସୁତରାଂ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ତଥା ତାଙ୍କ ଖଲିଫାଗଣ ନିଜର ନୀତିଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ପଥହରା ମନୁଷ୍ୟଙ୍କୁ ସତପଥକୁ ଟାଣି ଆଣି ପାଳନକର୍ତାଙ୍କ ସହିତ ସେମାନଙ୍କର ସଂଯୋଗ ସ୍ଥାପନ କରି ଦେଇଛନ୍ତି। ଯଦ୍ଦ୍ୱାରା ସେମାନଙ୍କୁ ମିଳିପାରିଛି ଅଲ୍ଲାଃଙ୍କ ସାନିଧ ପ୍ରାପ୍ତିର ଏକ ଦିବ୍ୟ ଅନୁଭବ। ସୁତରାଂ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରାଣପ୍ରତିଷ୍ଠାତା କହିଛନ୍ତି; ବର୍ତମାନ ଯୁଗରେ ମୁଁ ଈଶ୍ୱର ପ୍ରେରିତ ସୁଧାରକ ହୋଇ ଆସିବା କେବଳ ମୁସଲମାନମାନଙ୍କ ସଂସ୍କାର ପାଇଁ ଅଭିପ୍ରେତ ନୁହେଁ; ବରଂ ମୁସଲମାନ, ହିନ୍ଦୁ, ଖ୍ରୀଷ୍ଟିଆନ ଏହି ତିନି ପ୍ରମୁଖ ଧାର୍ମିକ ସମ୍ପ୍ରଦାୟର ସୁଧାର ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି। ଯେପରି ଅଲ୍ଲାଃ ମୋତେ ମୁସଲମାନ ଓ ଖ୍ରୀଷ୍ଟିଆନ ନିମନ୍ତେ ମସିହ ମଉଦ କରି ପଠାଇଛନ୍ତି, ମୁଁ ସେହିପରି ହିନ୍ଦୁ ପାଇଁ କୃଷ୍ଣ ଅବତାର ରୂପରେ ଆସିଅଛି। ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି। ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା'ଠାରୁ ମଧ୍ୟ ଅଧିକ। ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ। ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି। ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି। ଯଦି ଜଣେ ପଡ଼ୋଶୀ ଦେଖୁଛି ଯେ ଜଣେ ପାଖ ହିନ୍ଦୁ ଘରେ ନିଆଁ ଲାଗିଛି, ଅଥଚ ତାକୁ ଲିଭାଇବା ପାଇଁ ସେ ଅଂଟା ଭିଡ଼ି ବାହାରୁ ନାହିଁ, ତା'ହେଲେ ମୁଁ ସତ କହୁଛି ଯେ ସେହି ବ୍ୟକ୍ତି ମୋର କେହି ନୁହେଁ। ଯଦି ମୋର ଅନୁଗାମୀମାନଙ୍କ ମଧ୍ୟରୁ କେହି ବ୍ୟକ୍ତି ଦେଖୁଛି ଯେ ଜଣେ ଖ୍ରୀଷ୍ଟିଆନକୁ ହତ୍ୟା କରାଯାଉଛି ମାତ୍ର ସେ ସେହି ହତ୍ୟାକାରୀଠାରୁ ଛଡ଼ାଇବା ଉଦ୍ଦେଶ୍ୟ ନେଇ କୌଣସି ସାହାଯ୍ୟ ପାଇଁ ଆଗେଇ ଆସୁନାହିଁ, ତେବେ ଏହା ନିରାଟ ସତ୍ୟ ଯେ ସେହି ବ୍ୟକ୍ତି ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ। ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ''ମୈତ୍ରୀ ସଂଦେଶ''କୁ ତାହାଙ୍କ ମହାପ୍ରୟାଣର ମାତ୍ର ଦୁଇ ତିନି ଦିନ ପୂର୍ବରୁ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରା ଯାଇଥିଲା। ସେ ୨୬ ମଇ ୧୯୦୮ ମସିହାରେ ଦେହ ତ୍ୟାଗ କଲେ ଏବଂ ସେହି ପ୍ରସିଦ୍ଧ ବ୍ୟାଖ୍ୟାନକୁ ଜୁନ ୨୧ ତାରିଖ ଦିନ ରାୟ ବାହାଦୂର ପ୍ରତ୍ୟୋଲ ଚନ୍ଦ୍ର ଚାଟାର୍ଜୀଙ୍କ ସଭାପତିତ୍ୱରେ ପଢି ଶୁଣାଇ ଦିଆଯାଇଥିଲା। ଭାରତବର୍ଷର ଦୁଇ ମୁଖ୍ୟ ଜାତିଙ୍କ ଉଦ୍ଦେଶ୍ୟରେ ଏହି ମୈତ୍ରୀ ପୂର୍ଣ୍ଣ ସଂଦେଶ ଅଭିପ୍ରେତ ଥିଲେ ମଧ୍ୟ ଦେଶର ସବୁ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ପ୍ରତିଷ୍ଠା କରିବା ଏବଂ ଦେଶରେ ଏକତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ଏହି ବାର୍ତାର ମୁଖ୍ୟ ଉଦ୍ଦେଶ୍ୟ। ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭେଦଭାବ ଦୂର କରାଇବାକୁ ଯାଇ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ଯେତେବେଳେ ଆପଣମାନେ ବେଦ ଓ ବେଦର ଋଷି ମୁନିମାନଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରିନେବେ ଏବଂ ଠିକ ସେହିପରି ହିନ୍ଦୁମାନେ ଆମ୍ଭର ପବିତ୍ର ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଅବତାରତ୍ୱକୁ ଗ୍ରହଣ କରିନେବେ, ସେତେବେଳେ ମନେ ରଖନ୍ତୁ; ଏହା ହିଁ ହେବ ପ୍ରକୃତ ମୈତ୍ରୀ ସ୍ଥାପନର ଏକ ମାତ୍ର ପନ୍ଥା। ଏବଂ ଏହା ହିଁ ଏପରି ଜଳ, ଯାହା ହୃଦୟର ଆବିଳତାକୁ ଦୂର କରିଦେବ। ଏ ଦୁଇ ଜାତିର ମିଳନର ଦିନ ଯଦି ଆସିଥାଏ, ତେବେ ଈଶ୍ୱର ସେମାନଙ୍କ ହୃଦୟକୁ ଉନ୍ମୁକ୍ତ କରିଦେବେ, ଯାହାପାଇଁ ମୋର ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି।

ନିଜ ଦେଶବାସୀଙ୍କୁ ସମ୍ବୋଧନ କରି ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ପ୍ରିୟ ବନ୍ଧୁଗଣ! ଚିର କାଳର ଅନୁଭବ ଏବଂ ପରୀକ୍ଷାରୁ ଏହା ସିଦ୍ଧ ହୋଇଛି ଯେ, ମହାପୁରୁଷମାନଙ୍କୁ ନିନ୍ଦା କରିବା, ସେମାନଙ୍କ ପ୍ରତି ଅନୁଚିତ ଓ ଅପମାନଜନକ କଟୁବାକ୍ୟ କହିବା କିମ୍ବା ଅନ୍ୟ କୌଣସି ପ୍ରକାର ଅସମ୍ମାନ ଓ ଅନାଦାର ପ୍ରଦର୍ଶନ କରିବା ଏପରି ଏକ ବିଷୟ, ଯାହା ଶରୀର, ଆତ୍ମା ଓ ମନକୁ ପ୍ରଦୂଷିତ କରିଦିଏ ଏବଂ ସେମାନଙ୍କ ସାଂସାରିକ ଓ ଧାର୍ମିକ ଜୀବନକୁ ନଷ୍ଟ କରିଦିଏ। ସେହି ଦେଶ କଦାପି ଶାନ୍ତିରେ ରହିପାରିବ ନାହିଁ, ଯାହାର ଅଧିବାସୀମାନେ ଜଣେ ଅନ୍ୟର ଧାର୍ମିକ ନେତା, ମହାପୁରୁଷମାନଙ୍କ ପ୍ରତି କଟାକ୍ଷ ଓ ଆକ୍ଷେପମୂଳକ ମନ୍ତବ୍ୟ ଦେବାରେ ମଗ୍ନ ରହନ୍ତି। ସେହି ଦୁଇ ସମ୍ପ୍ରଦାୟ ମଧ୍ୟରେ କଦାପି ସଦ୍‌ଭାବ ରହିପାରିବ ନାହିଁ।

ଆସନ୍ତୁ, ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି, ମୈତ୍ରୀ, ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା। ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା। ସର୍ବେ ଭବନ୍ତୁ ସୁଖିନଃ। ଏହା ହିଁ ଆମର କାମନା।

***"ଆସ ଆସ ଭାଇ ବଡ଼ ହେବା ପାଇଁ, ଲାଗିଯିବା ଲୋକ ଆତ୍ମା ଉପକାରେ, ଏହି ପଥେ ସତ୍ୟ ଏହି ପଥେ ଧର୍ମ, ଏହି ପଥେ ପ୍ରଭୁ ବିଷ୍ଣୁ ମିଳିପାରେ।"***

# ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଇକ ଦେଖିଲେ କାର୍ଯ୍ୟାନୁଷ୍ଠାନ

ଆଜିକାଲି ବିଶେଷକରି ଯୁବ ବର୍ଗ ଓ ନିଶାସକ୍ତ ବାଇକ ଚାଳକମାନେ ଯେଉଁପରି ଭୟାନକ ଉଚ୍ଚ କର୍କଶ ସ୍ୱରର ଶବ୍ଦ ରହିଥିବା ଗାଡ଼ି ଚଳାଇ ଯାଉଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। କାରଣ ଏହାଦ୍ୱାରା ଅନ୍ୟମାନେ ହଠାତ୍ ଭୟଭୀତ ହୋଇ ହଡବଡ଼ ହୋଇଯାଉଛନ୍ତି ଓ ଯାହାକି ବଡ଼ ଦୁର୍ଘଟଣାର କାରଣ ପାଲଟୁଛି। ସାବଧାନ! ଏଣିକି ବାଇକରୁ ଉଚ୍ଚ ଶବ୍ଦ ବାହାରୁଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଖୋଜି ଖୋଜି ଧରିବ ପୋଲିସ। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଅନେକ ଯୁବକ ବାଇକକୁ ମଡ଼େଲିଂ କରିବା ସହ ସେଥିରେ ବିକଟାଳ ବା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ପାଇପ ଲଗାଉଛନ୍ତି। କେଉଁ ସାଇଲେନ୍ସର ପାଇପରୁ ବାଣ ଫୁଟିବାର ଶବ୍ଦ ବାହାରୁଛି ତ ପୁଣି ଆଉ କେଉଁଥିରୁ ଛାତି ଥରାଇ ଦେବା ଭଳି ଢ଼ୋ ଢ଼ୋ ଠୋ ଠା ଶବ୍ଦ ବାହାରୁଛି। ରାସ୍ତାରେ ଏଭଳି ଶବ୍ଦ ମାଧ୍ୟମରେ ଅନ୍ୟ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଯୁବପିଢ଼ି ଖୁସି ହେଉଥିଲେ ମଧ୍ୟ ଏହା ଅନ୍ୟ ଯାତ୍ରୀଙ୍କ ପାଇଁ ବିପଦ ଆଣୁଛି। ଦୁର୍ଘଟଣା ଘଟାଇବା ସହ ହୃଦ୍‌ରୋଗୀଙ୍କ ପାଇଁ ଘାତକ ସାଜୁଛି। ଏହାଦ୍ୱାରା ପରିବେଶ ଓ ଧ୍ୱନି ପ୍ରଦୂଷିତ ହେଉଛି। ଏହା ବେଆଇନ ହୋଇଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ଥିବାରୁ କେହି ମାନୁନାହାନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। କମିଶନରେଟ ପୋଲିସ ପକ୍ଷରୁ ଏକ ମୋବାଇଲ ଫୋନ ନଂ ୮୦୯୩୦୨୮୧୦୭ ଜାରି କରାଯାଇଛି। ଯଦି ଏପରି ଉଚ୍ଚଶବ୍ଦ କରୁଥିବା କୌଣସି ବାଇକ ନଜରକୁ ଆସେ ତାହେଲେ ତାହାର ଫଟୋ ଉଠାଇ ଏହି ନମ୍ବରରେ ହ୍ୱାଟ୍ସଆପ ମାଧ୍ୟମରେ ପୋଷ୍ଟ କରିବାକୁ ପରାମର୍ଶ ଦିଆଯାଇଛି।ରାସ୍ତାରେ ନିଜର ଉପସ୍ଥିତି ଜାହିର କରିବାକୁ ଏଭଳି ବାଇକ ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ଡ୍ରାଇଭ ମାଧ୍ୟମରେ ବିକଟାଳ ବା ଉଚ୍ଚ ଶବ୍ଦ କରୁଥିବା ବାଇକ ବ୍ୟବହାର କରୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମେ ସିସିଟିଭି ଦ୍ୱାରା ଅଭିଯାନକୁ ମନିଟର କରୁଛୁ। ଯେଉଁଠି ବି ପରିବର୍ତ୍ତିତ ସାଇଲେନ୍ସର ଦେଖାଯିବ ସେ ବାଇକକୁ ଜବତ କରିବାକୁ ପିସିଆର ଟିମକୁ କୁହାଯାଇଛି। ଆବଶ୍ୟକତା ପଡ଼ିଲେ ଚାଳକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯିବ। ଆସନ୍ତୁ ସର୍ବପ୍ରଥମେ ଜାଣିବା ସରକାରୀ ବ୍ୟବସ୍ଥାରେ ନିୟମ କ'ଣ ରହିଛି । ସାଇଲେନ୍ସର ପାଇପରୁ ସର୍ବାଧିକ ୮୦ ଡେସିମିଲ ଶବ୍ଦ ବାହାରିବାର ନିୟମ ରହିଛି।




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶ୍ରୁତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୂରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଲାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିଦ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଷା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଲନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ୍, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଟିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।






## ‘ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀଙ୍କୁ ଅମର କରି ରଖିଛି’

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ବନ୍ଦେଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଯୁବ ସଂଗଠକ ରଣଜିତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀଙ୍କୁ ଅମର କରି ରଖିଛି ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନ ଦେବାପାଇଁ କରିଥିବା ଦାବିକୁ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ଲାବଣ୍ୟ ଦାବୀ କରିଥିଲେ । ପ୍ରାରମ୍ଭରେ ମହାତ୍ମାଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଶିବପ୍ରସାଦ ସାହ, ଅନୁବ୍ରତ ସାହୁ, ରବିନ୍ଦ୍ର ସାହୁ, ରାମଚନ୍ଦ୍ର ରଣା, ଚକ୍ରଧର ସାହୁ, ହେମନ୍ତ ଜେନା, ଶ୍ରୀକାନ୍ତ ବାରିକ, ଅଶୋକ ମଲ୍ଲିକ, ପ୍ରଭାତ ସାହୁ, ଜୟପ୍ରକାଶ ସାହୁ, ଜ୍ଞାନରନ ଜେନା, ରଜତ ସାହୁ, ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ବିନୋଦ ବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମଧୁବାବୁ ପେନସନ ଯୋଜନାରେ ୫୨୯ଜଣ ନୂତନ ହିତାଧିକାରୀଙ୍କୁ ଭତା ବଂଟନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅଧିନ ୪୩ ଗୋଟି ପଂଚାୟତର ୫୨୯ଜଣ ବୃଦ୍ଧ, ବିଧବା ଓ ଅକର୍ମଣ୍ୟଙ୍କୁ ମଧୁବାବୁ ଯୋଜନାରେ ଧର୍ମଶାଳା ବିଧାୟକ ଭତା ବଂଟନ କରିଛନ୍ତି । ଭତା ବଂଟନ କାର୍ଯ୍ୟକ୍ରମରେ ବିଡିଓ ଦେବେନ୍ଦ୍ର ପ୍ରାସଦ ବଳ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମଧୁବାବୁ ଯୋଜନାରେ ୧୩୨ଜଣ ଭିନ୍ନକ୍ଷମ, ୨୭୨ଜଣ ବିଧବା ଓ ୧୨୫ଜଣ ବୃଦ୍ଧ ଓ ବୃଦ୍ଧାଙ୍କୁ ୬ ଲକ୍ଷ ୯୨ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା । ଏଥିରେ ୪୨୭ ଜଣଙ୍କୁ ୩ ମାସର ୧୫ଶହ ଲେଖାଏଁ ଓ ୧୦୨ଜଣଙ୍କୁ ଏକମାସର ୫ଶହ ଲେଖାଏଁ ଟଙ୍କା ସହ ପାସବୁକ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଏବିଡିଓ ଅସିତ କୁମାର ପାତ୍ର, ଡିଏସଏସଓ ଜ୍ଞାନରଂଜନ ବେହେରା ପ୍ରମୁଖ ମଧୁବାବୁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପୃକ୍ତ ପଂଚାୟତର ସରପଂଚ, ସମିତିସଭ୍ୟା/ସଭ୍ୟ ଓ ପିଇଓମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସହାୟତା କରିଥିଲେ ।

## ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି।

# ଶକ୍ତିରୂପିଣୀ ଦୁର୍ଗାଦେବୀ



ଭାରତୀୟ ଋତୁ ଚକ୍ରରେ ଶରତର ସ୍ଥାନ ତୃତୀୟ । କାସତଣ୍ଡିର ହସ, ଧବଳ ଜ୍ୟୋତ୍ସ୍ନାର ପ୍ରକାଶ, ସବୁଜ ଶସ୍ୟଶ୍ରୀର ସରସ ମାଧୁରୀ ଘେନି ବସୁନ୍ଧରା ଯେତେବେଳେ ଶରତ ସ୍ୱଚ୍ଛ ଜଳ ଦର୍ପଣରେ ନିର୍ମଳ ଚନ୍ଦ୍ରମଣ୍ଡଳର ବିମଳ ପ୍ରତିବିମ୍ବ ଅବଲୋଚନ କରନ୍ତି, ସେତେବେଳେ ସେହି ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଭାରତବର୍ଷର ପ୍ରତି ପୁରପଲ୍ଲି , ନଗର ଓ ଜନପଦରେ ଶାରଦୀୟ ଦଶହରା ଉତ୍ସବ ମହାସମାରେହରେ ଅନୁଷ୍ଠିତ ହୁଏ । ଆଦ୍ୟାଶକ୍ତି ଦେବୀଦୁର୍ଗାଙ୍କର ଆରାଧନା ଏହି ତିଥିରେ କରାଯାଉଥିବାରୁ ଏହାର ଅନ୍ୟନାମ ଦୁର୍ଗାପୂଜା । ଆମ୍ଭେମାନେ ତିନୋଟି ଦଶହରା ପାଳନ କରୁଥାଉ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଦିନ ଗଙ୍ଗା ଜୟନ୍ତୀ (ଗଙ୍ଗା ଦଶହରା), ବସନ୍ତ ଋତୁରେ ବାସନ୍ତୀୟ ଦୁର୍ଗାପୂଜା ବା ବାସନ୍ତୀ ଦଶହରା, ଏହି ବାସନ୍ତୀୟ ଦୁର୍ଗାପୂଜା ଠାରୁ ଶାରଦୀୟ ଦୁର୍ଗା ପୂଜାର ପ୍ରସାର ଅଧିକ ପରିଲକ୍ଷିତ ହୁଏ । ଆର୍ଯ୍ୟମାନଙ୍କର ଏହି ବିଜୟ ପର୍ବ ଅନାଦିକାଳରୁ ଜନତାଙ୍କ ମଧ୍ୟରେ ଶକ୍ତି ଆରାଧନାର ପ୍ରେରଣା ପ୍ରଦାନ କରି ଆସୁଛି । ଏହି ଶକ୍ତି ଆରାଧନାର କେତେଗୁଡ଼ିଏ ପୌରାଣିକ କାହାଣୀ ରହିଛି । ମହିଷାସୁର ରାକ୍ଷାସର ଅତ୍ୟାଚାରରେ ଇହଲୋକ ଓ ଦେବଲୋକ ତ୍ରାହି ତ୍ରାହି ଡ଼ାକ ଛାଡ଼ିଲେ । ଜଗତର ମଙ୍ଗଳ ନିମନ୍ତେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର କ୍ରୋଧାଗ୍ନିରୁ ଏକ ତେଜସ୍ୱିନୀ ଶକ୍ତିର ଆବିର୍ଭାବ ହେଲା । ସେହି ଶକ୍ତିସ୍ୱରୂପଣୀ ଦେବୀ ଦେବତାଙ୍କୁ ଦୁର୍ଗତିରୁ ରକ୍ଷାକରୁଥିବାରୁ ସେ ଦୁର୍ଗା ବୋଲାଇଲେ । ନବଦିନ ପର୍ଯ୍ୟନ୍ତ ଦେବୀ ଅସୁର ସହିତ ସଂଘର୍ଷରତ ରହି ଦଶମୀ ଦିନ ମହିଷାସୁରଙ୍କୁ ବିନାଶ କରି ବିଜୟଲାଭ କରିଥିଲେ । ସେହିଦିନ ଠାରୁ ଇହଲୋକ ଓ ଦେବଲୋକ ମା’ ଦୁର୍ଗାଙ୍କର ଆରାଧନା କରୁଛନ୍ତି । ଗିରିରାଜ କନ୍ୟା ଉମା ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଶିବଙ୍କ ନିବାସ କୈଳାସ ପର୍ବତରୁ ପିତୃଗୃହକୁ ଆଗମନ କରନ୍ତି । ଜଗଜ୍ଜନନୀଙ୍କର ଆଗମନରେ ପ୍ରକୃତି ହସି ଉଠେ । ଧରାବକ୍ଷରେ ଶରତ । ଦିଗେ ଦିଗେ ଶାରଦୀୟ ଶୁଭ୍ର ଶୋଭା ଶରତ ସ୍ୱଚ୍ଛ ସରୋବରର ଢ଼େଉରେ ହଂସ ଓ କାରଣ୍ଡକ । ମହାପୂଜାର ଆୟୋଜନ କରନ୍ତି ଧରାବାସୀ । ଦେବୀ ଜଗତବାସୀଙ୍କଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟକୁ ପ୍ରତ୍ୟାଗମନ କରନ୍ତି । ରାବଣ ନିଧନ ନିମିତ ରଘୁକୁଳ ତିଳକ ରାମଚନ୍ଦ୍ର ଦୁର୍ଗାଙ୍କର ଆରାଧନା କରି ଦଶମୀ ତିଥିରେ ବିଜୟ ଲାଭ କରିଥିଲେ । ଏଣୁ ଆଶ୍ୱିନ ଶୁକ୍ଳ ଦଶମୀ ‘ବିଜୟା ଦଶମୀ’ ନାମରେ ଖ୍ୟାତ । ଆଶ୍ୱିନ ମାସରେ ରାଜା ସୁରଥ ଦୁର୍ଗାଙ୍କର ଆରାଧନା କରି ରାଜ୍ୟଲାଭ କରିଥିଲେ । ଏତଦ୍‌ବ୍ୟତୀତ ବିଜୟା ଦଶମୀ ପାଳନର ଆଉ ଦୁଇଟି କାହାଣୀ ମହାଭାରତରେ ବର୍ଣ୍ଣିତ, ଅର୍ଜ୍ଜୁନ ବିରାଟ ରାଜାଙ୍କର ଗୋବସ୍ତାହରଣକୁ ପ୍ରତିହତ କରିଥିଲେ। କୌରବମାନଙ୍କୁ ପରାସ୍ତ କରିବା ଦିନ ଥିଲା ଆଶ୍ୱିନ ଶୁକ୍ଳ ଦଶମୀ । ଏହି ବିଜୟର ସ୍ମୃତିରେ ବିରାଟ ରାଜା ବିଜୟୋତ୍ସବର ଆୟୋଜନ କରିଥିଲେ। ଶ୍ରୀକୃଷ୍ଣଙ୍କ ଉପଦେଶରେ ଅର୍ଜ୍ଜୁନ ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଆଶ୍ୱିନ ଶୁକ୍ଳ ଦଶମୀରେ ବିଜୟଲାଭ ନିମିତ ଦୁର୍ଗାଙ୍କର ଆରାଧନା କରିଥିଲେ ।ବହୁ ପ୍ରାଚୀନ କାଳରୁ ଷୋଡ଼ଶଦିନାତ୍ମକ ଦୁର୍ଗାପୂଜା ଦେବୀପୀଠମାନଙ୍କରେ ହୋଇଆସୁଅଛି । ଗାଁଗହଳି ତଥା ବିଭିନ୍ନ ସହରରେ ଦେବୀମନ୍ଦିରରେ ନବଦିବସ ପଂଚଦିବସ ଓ ତ୍ରିଦିବସୀୟ ଦୁର୍ଗାପୂଜାର ପ୍ରଚଳନ ଅଛି । ଦୁର୍ଗାପୂଜା ଅବସରରେ ଦେବୀଙ୍କ ନିକଟରେ ବଳିର ପ୍ରଥା ପ୍ରଚଳନ ଥିଲା। ଜନସଚେତନତା ଫଳରେ ବଳିପ୍ରଥା ପ୍ରାୟ ବନ୍ଦ ହୋଇ ଯାଇଛି । ନବଦିବସ ପୂଜାରେ ୩ ଦିନ ମହାଲକ୍ଷ୍ମୀ, ୩ ଦିନ ମହାକାଳୀ ଓ ୩ ଦିନ ମହାସରସ୍ୱତୀ ରୂପେ ଦୁର୍ଗାଙ୍କର ପୂଜା ହୁଏ। ନବଦିନ ‘ମା’ ନଅଟି ନାମରେ ପୂଜା ହୋଇଥାଆନ୍ତି, ଯଥା- ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଖଣ୍ଡା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧଦାତ୍ରୀ ।ଭଗବାନ ଲୀଳାପୁରୁଷ ହୋଇ ଦଶ ଅବତାର ଧାରଣ କରିଥିଲେ । ସେହିପରି ଈଶ୍ୱର ବା ଶିବଙ୍କର ଦଶଟି ସ୍ୱରୂପ ରହିଛି । ଦଶଭୂଜା ଦୁର୍ଗା ଦଶ ମହାବିଦ୍ୟା ରୂପେ ଦଶଟି ଭୈରବୀ ରୂପେ ପୂଜା ପାଆନ୍ତି । ଶିବ ଓ ଶିବାଙ୍କ ଦଶ ରୂପ ଯଥା- ମହାକାଳ-ମହାକାଳୀ, ତାରକ (ତାରକେଶ୍ୱର)-ତାରା ଦେବୀ, ଭୂବନେଶ୍ୱର- ଭୂବନେଶ୍ୱରୀ, ଷୋଡ଼ଶ ଶ୍ରୀବିଦ୍ୟେଷ-ଷୋଡ଼ଶୀ, ଭୈରବ-ଭୈରବୀ, ଛିନ୍ନମସ୍ତକ-ଛିନ୍ନମସ୍ତା, ଧୂମବର୍ଣ୍ଣ-ଧୂମାବତୀ, ବଗଳମୁଖ-ବଗଳାମୁଖୀ, ମାତଙ୍ଗ-ମାତଙ୍ଗୀ, କମଳ-କମଳା, ଦଶରୂପରେ ଦଶଦୁର୍ଗାଙ୍କୁ ପୂଜା କଲେ ମନୁଷ୍ୟର ଦଶ ଦୋଷ ବା ଦଶପାପ ହରଣ ହୋଇଥାଏ । ଏହି ପାପଗୁଡ଼ିକ ହେଉଛି ଚୌର୍ଯ୍ୟ, ହିଂସା, ପରଦାରାଗମନ, ମିଥ୍ୟାବାଦିତା, କପଟାଚରଣ, ଅପହରଣ ଚିନ୍ତା, ପ୍ରଳାପ, ଲୋଭ, ପର ଅନିଷ୍ଟ, ବାକ୍ୟବାଣ ପ୍ରୟୋଗ, ଦଶ ଦୋଷ ହରଣ ହୁଏ ବୋଲି ଏହି ଉତ୍ସବକୁ ‘ଦଶହରା’ କହନ୍ତି । ରାଜସ୍ଥାନରେ ରାଜା, ମହାରାଜା ଓ ଜମିଦାରମାନେ ସବାରି ପାଲିଙ୍କିରେ ପରିଭ୍ରମଣ କରନ୍ତି । ଏହି ଦିନ ଶସ୍ତ୍ରଧାରୀମାନେ ଅସ୍ତ୍ରଶସ୍ତ୍ର ପୂଜା କରନ୍ତି । ଗୁଜୁରାଟରେ ନୃତ୍ୟଗୀତ ସହ ଦେବୀ ପୂଜାର ବ୍ୟବସ୍ଥା ହୋଇଥାଏ, ବହୁସ୍ଥାନରେ ମେଳାର ଅୟୋଜନ ହୋଇଥାଏ । ପଶ୍ଚିମବଙ୍ଗର ଶାରଦୀୟ ଦୁର୍ଗା ପୂଜା ଭାରତ ପ୍ରସିଦ୍ଧ । ଓଡ଼ିଶାର ଏକମାତ୍ର ପ୍ରସିଦ୍ଧ ନଗର କଟକରେ ଦଶହରା ପର୍ବ ମହାସମାରୋହରେ ପାଳିତ ହୁଏ । ଗ୍ରାମର ଅଧିବାସୀଗଣ ନିଜ ନିଜର କୁଳବ୍ୟବସାୟର ବିଭିନ୍ନ ଯନ୍ତ୍ରପାତି ଦେବୀଙ୍କ ନିକଟରେ ସ୍ଥାପନ କରନ୍ତି । ଏହାକୁ ସ୍ଥାନୀୟ ଭାଷାରେ ‘ସଜ ବସାଇବା’ କହନ୍ତି । ବିଜୟା ଦଶମୀ ଦିନ ସଜ ଉଠେ ଏବଂ ଦେବୀଙ୍କର ବିସର୍ଜନ ହୁଏ । ଦଶହରାରେ ଅପରାଜିତାଙ୍କର ପୂଜା ହେତୁ ଏହି ଦଶମୀକୁ କେହି କେହି ଅପରାଜିତା ଦଶମୀ ବୋଲି କହିଥାଆନ୍ତି । ଏହିଦିନ ମଧ୍ୟ ସୋମନାଥ ବ୍ରତ ଅନୁଷ୍ଠିତ ହୁଏ । ବିଜୟାଦଶମୀ ଦିନ ଶମୀବୃକ୍ଷ ପୂଜା ମଧ୍ୟ ହୋଇଥାଏ । ପାଣ୍ଡବମାନେ ବନବାସ ସମୟରେ ଶମୀବୃକ୍ଷ ଗହ୍ୱରରେ ଶସ୍ତ୍ରସମୂହ ରଖିଥିଲେ । ବନବାସ ପୂର୍ଣ୍ଣ ହେବା ପରେ ଶସ୍ତ୍ରଗୁଡ଼ିକ ଏହି ବୃକ୍ଷରୁ ବାହାର କରିଥିଲେ । ସେହି ଦିନ ଥିଲା ବିଜୟା ଦଶମୀ । ନବରାତ୍ର ଆରମ୍ଭ ହେବା ସହିତ ବିଭିନ୍ନ ସ୍ଥାନରେ ରାମଲୀଳା ସହିତ ରାବଣ ପୋଡ଼ି ଉତ୍ସବ ପାଳନ ହୁଏ ।

ଉତ୍କଳରେ ଦଶଭୂଜା ମୃଣ୍ମୟୀ ମୂର୍ତି ବଙ୍ଗୀୟ ମତରେ ପୂଜିତ, ଉତ୍କଳୀୟ ମତରେ, ଦୁର୍ଗାଙ୍କର ମୂର୍ତି ଚତୁର୍ଭୁଜା, ଅଷ୍ଟଭୂଜା ଓ ଷୋଡ଼ଶ ଭୂଜା ହେବା ବିଧି ଅଟେ । ପୁରୀର ଗଜପତି ରାଜା ତୃତୀୟ ଦିବ୍ୟସିଂହ (୧୮୭୬ ସାଲ) ଚୈତ୍ରଯାତ୍ରା ବା ବାସନ୍ତୀୟ ଦୁର୍ଗା ପୂଜା ଅବସରରେ ଇଂରେଜ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଏହି ଉତ୍ସବରେ ୨୫ ହଜାର ପାଇକ ଲକ୍ଷ ଲକ୍ଷ ଜନତାଙ୍କ ସମ୍ମୁଖରେ ରଣହୁଙ୍କାର ଦେଇ ଚୈତ୍ରଯାତ୍ରା ପାଳନ କରୁଥିଲେ । ଜଣେ ସାଧୁଙ୍କ ମୃତ୍ୟୁ କାରଣରୁ ରାଜଗୁରୁ ହତ୍ୟା ଅପରାଧରେ କଳାପାଣି ପାର ଆଦେଶ ଇଂରେଜ ସରକାର ଦେଇଥିଲେ । ସେହିଦିନଠାରୁ ଉତ୍କଳୀୟ ଦଶହରା ବା ଚୈତ୍ରଯାତ୍ରା ବନ୍ଦ ହୋଇଯାଇଥିଲା । କାଳକ୍ରମେ କିଛି ବଙ୍ଗୀୟ ଲୋକ ଆମୋଦ-ପ୍ରମୋଦ ନିମିତ ଦୁର୍ଗାପୂଜା ଆରମ୍ଭ କରିଥିଲେ, ପରେ ତାହା ଉତ୍କଳର ବହୁ ଅଚଂଳ ବ୍ୟାପିଥିଲା । ଉତ୍କଳୀୟ ମତରେ ଦୁର୍ଗାଙ୍କର ଧ୍ୟାନର ମନ୍ତ୍ର ୯ଅକ୍ଷର, କିନ୍ତୁ ବଙ୍ଗୀୟ ବିଧିରେ ଧ୍ୟାନର ମନ୍ତ୍ର ୬ ଅକ୍ଷର । ଉତ୍କଳୀୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ଗବେଷକଗଣ ଅଧିକ ଗବେଷଣା କରିବା ଉଚିତ । ଯାହା ଫଳରେ ଉତ୍କଳୀୟ ସଂସ୍କୃତିର ସ୍ୱାଧିନତା ପୁନରୁଦ୍ଧାର କରାଯାଇପାରିବ । ଦେବୀ ଦୁର୍ଗା ଶକ୍ତିମୟୀ, ଶକ୍ତି ବିନା ବ୍ୟକ୍ତି ତଥା ସମାଜର ପ୍ରଗତି ଅସମ୍ଭବ। ଦୁର୍ଗତିହାରିଣୀ ଦୁର୍ଗା ‘ମା’ଙ୍କର ଆଶୀର୍ବାଦରେ ଦାନବୀୟ ପ୍ରବୃତିର ବିନାଶ ଘଟି ଦେବୀ ପ୍ରବୃତିର ବିକାଶ ଘଟୁ ।

## ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ: କୁଢ କୁଢ ଅଳିଆ ଆବର୍ଜନାରେ ଗାଙ୍ଗୋତ୍ରୀ ନଗରବାସୀ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତର ଗାଙ୍ଗୋତ୍ରୀ ନଗର ରୋଡ-୩ ଅଳିଆ ଆବର୍ଜନା ରାସ୍ତା କଡରେ ପଡି ରହୁଛି। ଯାହାଫଳରେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଯେହେତୁ କି ଏଇଟା ପଂଚାୟତ ଅଂଚଳ ମୁନିସିପାଲିଟି ଭଳିଆ ସ୍ୱଚ୍ଛତା ଉପରେ ଗୁରୁତ୍ୱ ନାହିଁ। କୁଢ କୁଢ ଅଳିଆ ଆବର୍ଜନା ନାହିଁ ନଥିବା ଦୁର୍ଗନ୍ଧରେ ଅଂଚଳବାସୀ ଅଣନିଃଶ୍ୱାସୀ। ବିଡମ୍ବନାର ବିଷୟ ଏହା କି ଯେ ସ୍ଥାନୀୟ ଅଂଚଳରେ ଡଷ୍ଟବିନ୍ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ ପଂଚାୟତ ମୁଖ୍ୟ ଏହି ୱାର୍ଡ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଛନ୍ତି। ଅତୀତରେ ଦିବଂଗତ ୱାର୍ଡମେମ୍ବର ଇଂ ସୁଶ୍ରୀ ଶେଫାଳୀ ମହାନ୍ତି କ୍ରମାଗତ ଭାବେ ଡଷ୍ଟବିନ ବସାଇବା ପାଇଁ ଦାବି କରିଥିଲେ। ଗାଙ୍ଗୋତ୍ରୀ ନଗର ରୋଡ-୩ରେ ୩ଟା, ନାଲକୋ କଲୋନୀରେ ୨ଟା ଏବଂ ଗାଙ୍ଗୋତ୍ରୀ ନଗର ୧, ୨ରେ ୨ଟା ଲେଖାଏଁ ପଂଚାୟତର ମୁଖ୍ୟଙ୍କୁ ଲିଖିତ ପ୍ରସ୍ତାବ ଦେଇଥିଲେ। ଏହାଭିତରେ ପଂଚାୟତ ଗଠନର ୮ ମାସ ହେବା ପରେ ମଧ ପ୍ରଶାସନ ପକ୍ଷରୁ କୌଣସି କର୍ଣ୍ଣପାତ କରୁନାହାଁନ୍ତି। ଡେଙ୍ଗୁ, ମ୍ୟାଲେରିଆ, ହଇଜା ଇତ୍ୟାଦି ମହାମାରୀ ରୋଗ ବ୍ୟାପିବାରେ ଆଶଙ୍କା ସୃଷ୍ଟି ହୋଇଛି। ବହୁ ବରିଷ୍ଠ ନାଗରିକ, କୁନି ପିଲା, ଏହି ଅଂଚଳରେ ରହିଥିବାବେଳେ ଅଳିଆ, ଆବର୍ଜନା ଦ୍ୱାରା ରାସ୍ତାରେ ଗମନାଗମନ କରିବା ମଧ୍ୟ ମୁସ୍‌କିଲ୍ ହୋଇପଡିଛି। ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ଯେ ଡଷ୍ଟବିନ ବସାଇବା ପାଇଁ ଲିଙ୍ଗିପୁର ପଂଚାୟତରେ ପଂଚାୟତର ମୁଖ୍ୟ ନିଜେ ଦାୟିତ୍ୱ ନେଇଥିବା ବେଳେ କେବଳ ଇନ୍ଦ୍ରା କଲୋନୀରେ (ଯୋଉଟା କି ନାଏବ ସଂରପଂଚଙ୍କ ୱାର୍ଡ)ରେ ଦୁଇଟି ବସେଇ ଚୁପଚାପ୍ ବସି ପଡିଛନ୍ତି।

ରାଜ୍ୟ ସରକାର ସ୍ୱଚ୍ଛତାକୁ ନେଇ ବହୁ କାର୍ଯ୍ୟକ୍ରମ କରିଥିଲେ ମଧ ବାସ୍ତବରେ ଏହା ଏକ ଧୂଆଁବାଣ ବୋଲି ପ୍ରଚାର ହେଉଛି। ଡଷ୍ଟବିନ୍‌ର କାର୍ଯ୍ୟ ନିଜେ ସରଂପଚ ବୁଲିକି ଦେଖିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନଥିବା ଜଣାପଡିଛି। ଏହି ନିକଟରେ ସ୍ୱଚ୍ଛତା ଅଭିଯାନରେ ନିଜ ୱାର୍ଡ ସଭ୍ୟମାନଙ୍କୁ ଧରି ତାଙ୍କ ନିଜ ଅଂଚଳ ଲିଙ୍ଗିପୁର ଏବଂ ନାଥପୁରରେ ଲୋକଦେଖାଣିଆକୁ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ୱାର୍ଡ ସଭ୍ୟ ତାଙ୍କ ୱାର୍ଡକୁ ସଫା ନକରି ସରପଂଚ ପଳାଇଥିବାରୁ ଉଭୟଙ୍କ ମଧରେ ତୁ ତୁ ମେଁ ମେଁ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ସ୍ୱଚ୍ଛତାରେ ବି କ’ଣ ରାଜନୀତି ? ଜିଲ୍ଲାପାଳ ମହୋଦୟ ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଗାଙ୍ଗୋତ୍ରୀ ନଗରରେ ୧୦ଟି ଡଷ୍ଟବିନ୍ ଓ ସଫାସୁତୁରା ରଖିବା ପାଇଁ ଏବଂ ମଶାଗାଡି ପ୍ରତ୍ୟେକ ଦିନ ଅଂଚଳରେ ବୁଲିବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବୀ ହୋଇଛି ଏବଂ ସ୍ଥାନୀୟ ଅଂଚଳବାସୀ ଚେତାବନୀ ଦେଇଛନ୍ତି ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଲୋକମାନେ ତାର ପ୍ରତିଫଳନ କରିବାକୁ ପଛେଇବେ ନାହିଁ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

